# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 261 CUTTACK, WEDNESDAY, FEBRUARY 10, 2021/MAGHA 21, 1942**


## କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

(ଜଳସମ୍ପଦ ସମ୍ପର୍କିତ ପ୍ରକଳ୍ପ)

**ଘୋଷଣା**

ନମ୍ବର– 101 ତା. - 01-02-2021

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା–**ମାଝୀଗୁଡ଼ା** ଥାନା-**କୋକସରା ନଂ.39** ତହସିଲ- **କୋକସରା** ଜିଲ୍ଲା- **କଳାହାଣ୍ଡି**ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା **ଉପର ଇନ୍ଦ୍ରାବତୀ ଉଠା ଜଳସେଚନ ପ୍ରକଳ୍ପ, କୁସୁମଖୁଂ**ର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା–**724 ତା.07/05/2020**ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା–**ମାଝୀଗୁଡ଼ା** ଥାନା-**କୋକସରା ନଂ.39** ତହସିଲ- **କୋକସରା** ଜିଲ୍ଲା- **କଳାହାଣ୍ଡି** ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ ।

ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.kalahandi.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ (ପ୍ରସ୍ତାବିତ ଭୂମି ଅଧିକଗ୍ରହଣ ଅନୁସୂଚୀ):-

ତଫସିଲ-ଖ (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ):- ପ୍ରଯୁଜ୍ୟ ନୁହେଁ

ଅଧିସୂଚନାର ବୈଧ ତାରିଖ : ୦୮/୦୬/୨୦୨୦

## <u>ଭୂମିର ବିବରଣୀ</u>

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଂଚଳ/ ସହରାଂଚଳ | ଖାତା ନଂ. | ପ୍ଲଟ୍ ନଂ. | ଜମିର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତି |
|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) |
| କଳାହାଣ୍ଡି | କୋକସରା | ମାଝୀଗୁଡ଼ା | ଗ୍ରାମାଂଚଳ | 71 | 3278 | 0.7000 | 0.0500 | କିର୍ତ୍ତନ ଗଉଡ଼ (Kirtan Goud) |
| କଳାହାଣ୍ଡି | କୋକସରା | ମାଝୀଗୁଡ଼ା | ଗ୍ରାମାଂଚଳ | 71 | 3279 | 1.4300 | 0.3700 | କିର୍ତ୍ତନ ଗଉଡ଼ (Kirtan Goud) |

ରାଜ୍ୟପାଳଙ୍କ ଆଦେଶକ୍ରମେ
ଗାଭାଲି ପି. ହରଶାଦ
ଜିଲ୍ଲାପାଳ, କଳାହାଣ୍ଡି

---

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1336—173+9